## ବିବାହ ନ କରିବାରୁ ପ୍ରେମିକାଙ୍କୁ ପୋଡ଼ି ମାରିଦେବା ଘଟଣା

# ଅଭିଯୁକ୍ତ ପ୍ରେମିକକୁ ଆଜୀବନ ଜେଲ୍

ଛତ୍ରପୁର,୧୬।୧(ସମିସ)



ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ବିବାହ ନ କରିବାରୁ ପ୍ରେମିକାଙ୍କୁ ସ୍ପିରିଟ୍ ଢ଼ାଳି ନିଆଁ ଲଗାଇ ପୋଡ଼ି ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ଏହି ମାମଲାର ବିଚାର କରି ଅଭିଯୁକ୍ତ ପ୍ରେମିକ କୃଷ୍ଣଚନ୍ଦ୍ର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ରକୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୨୪ ଜଣ ଓ ମୁଦାଲାଙ୍କ ପକ୍ଷରୁ ୨ ଜଣ ସମୁଦାୟ ୨୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏହାସହ ପୁଲିସ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା ପୁରୁଷୋତ୍ତମପୁର ପ୍ରାକ୍ତନ ତହସିଲଦାର ନୀତିଶ ତ୍ରିପାଠୀଙ୍କ ଉପସ୍ଥିତିରେ ରେକର୍ଡ କରାଯାଇଥିବା ମୃତ୍ୟୁକାଳନୀ ବୟାନ ଏବଂ ଘଟଣା ସ୍ଥଳର ପରିପାଶ୍ୱର୍ର ବିଭିନ୍ନ ତଥ୍ୟକୁ ଆଧାର କରି ମୋକଦ୍ଦମାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଆଡିସନାଲ ପିପି ନିହାର ରଞ୍ଜନ ଜେନା ଓ ସହଯୋଗୀ ଭାବେ ସରକାରୀ ଓକିଲ ଗଙ୍ଗାଧର ପଣ୍ଡା ପରିଚାଳନା କରିଥିଲେ।

ପ୍ରକାଶ ଯେ, ୨୦୨୧ ଜୁଲାଇ ୨୭ରେ ମୁଜାଗଡ଼ ହସ୍ପିଟାଲର ଲାବ୍ ଟେକ୍ନିସିଆନ୍ ଭାବେ କାର୍ଯ୍ୟରତ ଶୁଭସ୍ମିତା ଖାଡଙ୍ଗା ଓ ପ୍ରତାପପୁରର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ପ୍ରଥମେ ଉଭୟ ପରସ୍ପରକୁ ପ୍ରେମ କରୁଥିଲେ। କୃଷ୍ଣଚନ୍ଦ୍ର ବିବାହ ପାଇଁ ବହୁବାର ଶୁଭସ୍ମିତାଙ୍କୁ ପ୍ରସ୍ତାବ ଦେଇଆସୁଥିଲେ ବି ତାଙ୍କ ଘର ଲୋକେ ରାଜି ହେଉନଥିଲେ। ପରେ ଶୁଭସ୍ମିତାଙ୍କୁ କୃଷ୍ଣଚନ୍ଦ୍ର ପୁରୁଷୋତ୍ତମପୁର ଥାନା ପ୍ରତାପପୁର ସ୍ଥିତ ଏକ ପରିତ୍ୟକ୍ତ ଘରକୁ ଡାକି ଆଣି ସ୍ପିରିଟ ପକାଇ ନିଆଁ ଲଗାଇ ଦେଇଥିଲା। ଗୁରୁତର ଅବସ୍ଥାରେ ଶୁଭସ୍ମିତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ଶରୀରର ପ୍ରାୟ ୯୫ ପ୍ରତିଶତ ପୋଡ଼ି ଯାଇଥିଲା। ଖବର ପାଇ ପୁଲିସ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ପୁରୁଷୋତ୍ତମପୁର ତହସିଲଦାରଙ୍କ ଉପସ୍ଥିତିରେ ଶୁଭସ୍ମିତାଙ୍କ ମୃତ୍ୟୁକାଳୀନ ବୟାନ ରେକର୍ଡ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ମୃତ ଶୁଭସ୍ମିତାଙ୍କ ବାପା ପ୍ରଶାନ୍ତ କୁମାର ଖାଡ଼ଙ୍ଗାଙ୍କ ଅଭିଯୋଗ କ୍ରମେ ପୁରୁଷୋତ୍ତମପୁର ଥାନାରେ ନଂ.୩୩୪/୨୦୨୧ ଏକ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଜଗନ୍ନାଥ ମଲ୍ଲିକ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରିଥିଲେ। ଜିଆର ନଂ. ୩୩୧ରେ ପରେ ଏସଟି ୮ /୨୨ ନଂ ମାମଲା କୋର୍ଟରେ ବିଚାରଣା ଚାଲିଥିଲା।

## ଜେଲ୍ ଫେରନ୍ତା ସ୍ୱାମୀଙ୍କ ଉନ୍ମତ୍ତ କାଣ୍ଡ

# ହତ୍ୟା ଉଦ୍ୟମ କରି ପୁଣି ଜେଲ୍ ଗଲେ



ଦିଗପହଣ୍ଡି,୧୬।୧(ସମିସ): ଦିଗପହଣ୍ଡି ଥାନା ଅନ୍ତର୍ଗତ ଦାରଗାଁ ଗ୍ରାମର ଭୀମ ପ୍ରଧାନ ନାମକ ଜଣେ ବ୍ୟକ୍ତି ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିବା ବେଳେ ଜେଲରୁ ଜାମିନରେ ଆସି ପୁଣି ଉନ୍ମତ୍ତ କାଣ୍ଡ ଘଟାଇଛି। ଅଭିଯୁକ୍ତ ଭୀମଙ୍କ ସ୍ତ୍ରୀ ଓ ପିଲାମାନେ ବର୍ତ୍ତମାନ ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅର୍ନ୍ତଗତ ନୂଆପଡ଼ା ଗ୍ରାମ ନିଳମ ଛକରେ ଏକ ଭଡ଼ାଘରେ ରହୁଛନ୍ତି। ଭୀମ ଦୁଷ୍କର୍ମ ମାମଲାରେ ଜାମିନରେ ଫେରିଥିବା ବେଳେ ଗୁରୁବାର ରାତି ପ୍ରାୟ ୭ଟାରେ ନିଶାସକ୍ତ ଅବସ୍ଥାରେ ନୂଆପଡ଼ା ଗ୍ରାମକୁ ଯାଇ ଜବରଦସ୍ତ ତାଙ୍କ ସ୍ତ୍ରୀ ଓ ପିଲାମାନେ ରହୁଥିବା ଘର ଭିତରେ ପଶି ଆସବାବପତ୍ର ଫିଙ୍ଗାଫୋପାଡ଼ା କରିବା ସହ ଏକ ଧାରୁଆ ଛୁରୀରେ ସ୍ତ୍ରୀ ଲକ୍ଷ୍ମୀ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ଓ ପିଲାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚିବା ପରେ ଅଭିଯୁକ୍ତ ଦୌଡ଼ି ଚାଲି ଯିବାକୁ ଉଦ୍ୟମ କରିଥିଲେ ମଧ ଲୋକେ କାବୁ କରି ନିର୍ଘ୍ନମ୍ ଛେଚିବା ସହ ପୁଲିସ ଜିମା ଦେଇଥିଲେ। ଅଭିଯୁକ୍ତଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଏତଲା କ୍ରମେ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ଏକ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସୁବାସ ଚନ୍ଦ୍ର ବାୟକ ଅଭିଯୁକ୍ତଙ୍କୁ ଶୁକ୍ରବାର ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିଲେ। ସେଠାରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ପୁଣି ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ହତ୍ୟା ଉଦ୍ୟମରେ ବ୍ୟବହୃତ ଛୁରୀ ଜବତ କରାଯାଇଛି।

# ଟିପିଏସ୍‌ଓଡିଏଲକୁ ମିଳିଲା ଟାଇମ୍ସ ବିଜନେସ୍ ଆୱାର୍ଡ



ବ୍ରହ୍ମପୁର,୧୬।୧(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)କୁ ଗ୍ରାମୀଣ ବିଦ୍ୟୁତ ବିତରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଇମ୍ସ ବିଜନେସ୍ ଆୱାର୍ଡ ମିଳିଛି। "ଦି ଟାଇମ୍ସ ଇଣ୍ଡିଆ ଗ୍ରୁପ୍' ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଗ୍ରାମୀଣ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଟିପିଏସ୍‌ଓଡିଏଲର ନିରନ୍ତର ଓ ପ୍ରଭାବଶାଳୀ ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଦକ୍ଷିଣ ଓଡ଼ିଶା ଭଳି ଆହ୍ୱାନପୂର୍ଣ୍ଣ କ୍ଷେତ୍ରରେ ଦଳଗତ ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ ସମ୍ପାଦନ କରିପାରିଥିବାରୁ ଆମକୁ ଏହି ପୁରସ୍କାର ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ନିର୍ଭରଯୋଗ୍ୟ ବିଜୁଳି ଏକାନ୍ତ ଆବଶ୍ୟକ। ଏହି ପୁରସ୍କାର ତଥା ସ୍ୱୀକୃତି ଦକ୍ଷିଣ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ଗୁଣାଳକ, ସୁରକ୍ଷିତ ତଥା ନିର୍ଭରଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ଆମ ସଂକଳ୍ପକୁ ଅଧିକ ସୁଦୃଢ଼ କରିବ।

# ଯୁବକଙ୍କୁ ଛୁରାମାଡ଼; ଜଣେ ଅଟକ

ବେଲଗୁଣ୍ଠା,୧୬।୧(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଚଡିଆପଲ୍ଲୀ ମେନ୍ ରୋଡ୍‌ରେ ଗୁରୁବାର ରାତିରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ପୁଲିସ ପହଞ୍ଚି ଗୁରୁତର ଯୁବକଙ୍କୁ ଭଞ୍ଜନଗର ମେଡିକାଲ ପଠାଇଥିବା ବେଳେ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଚଳାଇଛି। ଥାନାରେ ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ଖବର ଅନୁସାରେ, ଚଡିଆପଲ୍ଲୀ ଗ୍ରାମର ନିରାକାର ଖଣ୍ଡୁଆଳ ସୁରଟରେ ରହି କାମ କରୁଥିବା ବେଳେ ସେହି ଗ୍ରାମର ବସନ୍ତ ଗୌଡ଼ (୨୪) ବେଙ୍ଗାଲୁରୁରେ ରହି କାମ କରୁଥିଲେ। ଉଭୟ କିଛିଦିନ ହେବ ଗ୍ରାମକୁ ଆସିଥିଲା। ଉଭୟେ କାଲି ସନ୍ଧ୍ୟାରେ ବୁଲାବୁଲି କରୁଥିବା ବେଳେ ରାତି ୭.୪୦ରେ ଚଡିଆପଲ୍ଲୀ ମେନ୍ ରୋଡ୍‌ରେ ଥିବା ଏକ ଚା' ଦୋକାନରେ କଥା କଟାକଟି ହୋଇଥିଲା। ଏଥିରେ ନିରାକାର ଉତ୍କ୍ଷିପ୍ତ ହୋଇ ଏକ ଛୁରୀରେ ବସନ୍ତଙ୍କ ପିଠି ଓ ଗୋଡ଼କୁ ଭୂସି ଦେଇଥିଲେ। ପୁଲିସ ତଦନ୍ତ ଜାରି ରଖିଛି।

# ଅପରିଚିତ ରୋଗୀଙ୍କ ଜୀବନ ବଞ୍ଚାଇଲେ ନର୍ସିଂ ଛାତ୍ର

ଭଞ୍ଜନଗର,୧୬।୧(ସମିସ): ଗୁରୁବାର ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଦୁଇ ଜଣ ନର୍ସିଂ କଲେଜ ଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇ ଜଣେ ଅଜଣା ଲୋକର ଜୀବନ ବଞ୍ଚାଇଛନ୍ତି। ସେମାନେ ହେଲେ ଭଞ୍ଜ କଲେଜ ଅଫ ନର୍ସିଂର ବିଏସସି ତୃତୀୟ ବର୍ଷ ଛାତ୍ର ଆଦିତ୍ୟ ନାରାୟଣ ପାତ୍ର ଏବଂ ଅଭିନାଶ ପଟ୍ଟନାୟକ। ରୋଗୀ ଜଣଙ୍କ ରକ୍ତ ପାଉନଥିବା ବେଳେ



ଡାକ୍ତର ଦିଲ୍ଲୀପ କୁମାର ସାହୁ ଏବଂ ଏଆରଟି କାଉନସିଲର ନାରାୟଣ ବେହେରାଙ୍କ ଉପସ୍ଥିତିରେ ଦୁଇ ଜଣ ଛାତ୍ରଙ୍କ ସ୍ୱେଚ୍ଛାକୃତ ରକ୍ତ ଦାନ ସଂପୃକ୍ତ ରୋଗୀଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇ ଦେଇଛି। ଏହି ଦୁଇ ଛାତ୍ରଙ୍କୁ ମେଡିକାଲ ଅଧିକ୍ଷକ ଶୀତାଂଶୁ ଶେଖର ଶତପଥୀ ଓ ମେଡିକାଲ ପରିଚାଳକ ବିଚିତ୍ର କୁମାର୍ ପାଣିଗ୍ରାହି ଶୁଭେଚ୍ଛା ଜଣାଇବା ସହ ଯୁବ ପିଢ଼ିଙ୍କୁ ଏଭଳି ରକ୍ତଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଜଙ୍ଗଲ ସୁରକ୍ଷା ସଚେତନତା



ସୋରଡ଼ା,୧୬।୧(ସମିସ): ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ବଡ଼ଗଡ଼ ବନାଞ୍ଚଳ ପକ୍ଷରୁ ପ୍ରତ୍ୟେକ ସମୟରେ ବିଭିନ୍ନ ସହାୟତା କାର୍ଯ୍ୟକ୍ରମ ସାଙ୍ଗକୁ ଚଳିତ ବର୍ଷ ଅବ୍ୟବହିତ ସମୟ ପୂର୍ବରୁ ଜଙ୍ଗଲରେ ନିଆଁ ନ ଲାଗିବା ନେଇ ମକର ପାଳନ ସାଙ୍ଗକୁ ବଡ଼ଗଡ଼ ବଡ଼ଦାଣ୍ଡରେ ସଚେତନତା ରାଲି କରାଯାଇଛି। ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଭିପାସା ପାରୁଲ ଚନ୍ଦ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌଡଗୋଠ ସରପଞ୍ଚ ଓ ୬୪ ନମ୍ବର୍ ଜୋନର ଜିଲ୍ଲା ପରିଷଦ ରାମ ଶବର ଯୋଗଦେଇଥିଲ। ବନାଗ୍ନି ପ୍ରତିରୋଧ ସଚେତନତା ଉପରେ ଆଲୋଚନା କରି ଜଙ୍ଗଲକୁ ସୁରକ୍ଷା ଦେବା ପ୍ରତିଟି ବ୍ୟକ୍ତିଙ୍କ ଦାୟିତ୍ୱ ବୋଲି ମଞ୍ଚାସିନମାନେ କହିଥିଲେ। ଜଙ୍ଗଲରେ ନିଆଁ ଲଗାଇ ପଶୁ ଶିକାର କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବଡଗଡ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ। ଗୋକୁଳପୁର ଓ ତାର ନିକଟ କିଛି ଗ୍ରାମର ଯୁବକମାନଙ୍କୁ ହୁକିଙ୍ଗ ଆଉ ନିଆଁ ଲିଭାରେ ସହଯୋଗ କରିବା ଉଦ୍ଦେଶ୍ୟରେ ସମ୍ମାନିତ କରାଯାଇଥିଲା।

## କ୍ଷେତ୍ରମୋହନ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ

# ଏନ୍‌ଏସ୍‌ଏସ୍‌ର ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୧୬।୧(ସମିସ): କ୍ଷେତ୍ରମୋହନ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି ଶିବିର ଗତ ୯ ତାରିଖରେ ଆରମ୍ଭ ହୋଇଥିଲା। ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ସାମାଜିକ ସେବା ମୂଳକ କାର୍ଯ୍ୟ କରିଥିଲେ। ଡ. ସତୀଶ ପ୍ରସାଦ ନାୟକ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟତା ଏବଂ ନୀତିଗତ ଜ୍ଞାନ ବିକାଶ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଡ ଗୋବିନ୍ଦ ରାଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ବ୍ୟବହାରିକ ଜ୍ଞାନ ଓ ଚମାଖଣ୍ଡି ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି



ଏବଂ ଏସ୍‌ଆଇ ଅଭିଜିତ ସାମଲ ସାଇବର ସୁରକ୍ଷା ବିଷୟରେ ବୁଝାଇଥିଲେ। ଶ୍ରୀୟା ସ୍ୱସ୍ତିକ ଆଧାମିକ ଜ୍ଞାନ ବିତରଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଶଙ୍କର୍ଷଣ ମଲ୍ଲିକ୍ ସ୍ୱେଚ୍ଛାସେବୀର ମହତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଉଦଯାପିତ ଦିବସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନଏସଏସ କାର୍ଯ୍ୟକାରୀ ସଂଯୋଜକ ଡ଼ଃ ଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜର ପ୍ରତ୍ୟେକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ, ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ଦାଶ ଅତିଥିଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସହଯୋଗୀ (ଅତିଥି) ପ୍ରଫେସର ଡ଼ଃ ସତୀଶ ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ନିଜର ପରିଚୟ ସୃଷ୍ଟିକରିବାକୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବକୁ ପୌରହିତ୍ୟ କରିଥିଲେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୂପତି ସାହୁ। ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବାସହ ୭ ଦିନର ବିବରଣୀ ପାଠ କରିଥିଲେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ଚନ୍ଦ୍ର ଶତପଥୀ। ସଭା ସଂଯୋଜକ କରିଥିଲେ ସତ୍ୟନାରାୟଣ ଚୌଧୁରୀ। କାହ୍ନୁ ଚରଣ ବେହେରା, ସନ୍ତୋଷ ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିକାଶର ବନ୍ଧୁମିଳନ ଓ କବିତା ସଂକଳନ ଉନ୍ମୋଚିତ

ବ୍ରହ୍ମପୁର,୧୬।୧(ସମିସ): ଖୋଡାସିଂ ସ୍ଥିତ କଲ୍ୟାଣ ମଣ୍ଡପରେ ସାମାଜିକ ଅନୁଷ୍ଠାନ "ବିକାଶ' ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲ୍ଲା ଅବକାରୀ ଅଧିକ୍ଷକ ନଳିନୀ କୁମାର ବେହେରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡ଼ା. ରାଜେନ୍ଦ୍ର କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିକାଶର ବରିଷ୍ଠ ସଦସ୍ୟ ଗୋକୁଳ ବେହେରା ଯୋଗଦେଇ



ବ୍ରହ୍ମପୁର ଠାରେ ଆମ୍ବେଦକର କମ୍ୟୁନିଟି ହଲ୍ ନିର୍ମାଣ ନେଇ ସମସ୍ତ ସଦସ୍ୟ ଆଗକୁ ଆସିବାକୁ କହିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା, ଦିଲ୍ଲୀପ କୁମାର ବେହେରା ଓ ଡ଼ା.ଗୋପବନ୍ଧୁ ବେହେରା ଯୋଗ ଦେଇଥିଲେ। ଉତ୍ସବର ସଂଯୋଜକ ଜ୍ୟୋତି କ୍ରିଷ୍ଣା ବେହେରା, ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟ ସୀତାରାମ ବେହେରା ଓ ସାଧାରଣ ସମ୍ପାଦକ ଅବନୀ ଗୟା ପ୍ରମୁଖ ମଞ୍ଚାସିନ ଥିଲେ। ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଆଇନଜୀବୀ ଅବନୀ ଗୟା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଡ଼ା. ରାଜେନ୍ଦ୍ର କୁମାର ବେହେରାଙ୍କ ରଚିତ 'କେହି ଜଣେ ଅନ୍ତରଙ୍ଗ' ଓ 'ଲୁଚା ଛପା' ନାମରେ କବିତା ସଂକଳନ ବହି ଉନ୍ମୋଚନ ହୋଇଥିଲା। ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ସୀତାରାମ ବେହେରା ପ୍ରାଥମିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ୟୋତି କ୍ରିଷ୍ଣା ବେହେରା ଧନ୍ୟବାଦ ଜଣାଇଥିଲେ।

# ଚିଲିକା ମତ୍ସ୍ୟଜୀବୀ ମହାସଂଘର ଆନ୍ଦୋଳନ ଚେତାବନୀ

ରମ୍ଭା,୧୬।୧(ସମିସ): ଚିଲିକା ମତ୍ସ୍ୟଜୀବୀ ମହାସଂଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ବାଲୁଗାଁ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାସଂଘର ବଳିଷ୍ଠ ନେତା ଅନାଦି ବେହେରା ଓ ପଦ୍ମଲୋଚନ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୧୪୭ ଖଣ୍ଡ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ନେତୃମଣ୍ଡଳୀ ଏକାଠି ହୋଇ ବିଭିନ୍ନ ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀଙ୍କ ସମସ୍ୟା ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଚିଲିକାରେ ମଶାରି ଘେରି, ମାଟିବନ୍ଧ ଘେରି, ମାଢି ଭିଡ଼ ସରୁ ଜାଲ ପ୍ରଚଳନ, ମୁହାଣ ମୁହଁ ଖନନ, ୪୭ହଜାର ଏକର ମତ୍ସ୍ୟ ସଇରାତ ସୁରକ୍ଷା, ଦାଦନ ଦୁଃଖ ଓ ସରକାର ଯୋଜନା ବାଟବଣା ସମୂହ ବିଷୟରେ ପାରମ୍ପରିକ ଏକକ ଅଧିକାର ଜୀବନ ଜୀବିକା, ଚିଲିକା ସୁରକ୍ଷା ଓ ମତ୍ସ୍ୟଜୀବୀ ସୁରକ୍ଷା ପାଇଁ ଆନ୍ଦୋଳନରେ ସଜବାଜ ପ୍ରାଥମିକ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ଏଥିରେ ମତ୍ସ୍ୟଜୀବୀମହାସଂଘ ନେତୃତ୍ୱ ମଣ୍ଡଳୀ ଭୀମସେନ ବେହେରା, ସମ୍ପାଦକ କାଳନ୍ଦୀ ବେହେରା,ରଙ୍କନାଥ ବେହେରା, ଫାଲାଗୁନି ଜାଲି, ପ୍ରକାଶ ବେହେରା, ଦିବାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚିନି କଳରେ ଅଗ୍ନି ସଂଯୋଗ



ଆସିକା,୧୬।୧(ସମିସ): ଆସିକା ଚିନି କାରଖାନାରେ ଆଖୁ ପେଡ଼ା ପାଇଁ ବୟଲର ପ୍ଲାଣ୍ଟରେ ଅଗ୍ନି ସଂଯୋଗ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପୂଜାପାଠ କରି ଅଗ୍ନି ସଂଯୋଗ ହୋଇଥିଲା। ଆସିକା ଚିନି କାରଖାନାର ପରିଚାଳନା ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ପଣ୍ଡା, ସଭାପତି ରବୀନ୍ଦ୍ର ପଣ୍ଡା, ଆକାଉଣ୍ଟାଣ୍ଟ ଚିତ୍ତଚିନ୍ମୟ ରଞ୍ଜନ ନାୟକ, ଶ୍ରୀନିବାସ ମହାପାତ୍ର, ଇ. କେଦାର ନାଥ ସାହୁ, ବିଜୟ ସ୍ୱାଇଁ, ଶିବ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଓ ସଙ୍ଘର ଅନେକ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।

# ମାଷ୍ଟର୍ସ ଦୌଡ଼କୁଦରେ ଗଞ୍ଜାମ ଖେଳାଳିଙ୍କ କୃତିତ୍ୱ

ଛତ୍ରପୁର,୧୬।୧(ସମିସ): ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୩୫ତମ ଓଡିଶା ମାଷ୍ଟର୍ସ ଦୌଡକୁଦରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ କାର୍ଯ୍ୟାଳୟର ସୁପ୍ରକାଶ ପ୍ରଧାନ କୃତିତ୍ୱ ହାସଲ କରିଛନ୍ତି। ଗତ ୬ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ୩୫ ବର୍ଷ ରୁ ୮୫ବର୍ଷ ପର୍ଯ୍ୟନ୍ତ କ୍ରୀଡାବିତ ମାନେ ବିଭିନ୍ନ ଜିଲ୍ଲାରୁ ଅଂଶଗ୍ରହଣ



କରିଥିଲେ। ଓଡିଶା ମାଷ୍ଟର ଆଥଲେଟିକ ଆସୋସିଏସନ (ଓମା) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ୪୦ବର୍ଷରୁ ଉର୍ଦ୍ଧ୍ୱ "ଡିସକସ' ଓ 'ସଟପୁଟ ଥ୍ରୋ'ରେ ଗଞ୍ଜାମର ସୁପ୍ରକାଶ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ଏଥିସହିତ ଆସନ୍ତା ୨୮ରୁ ଫେବୃଆରୀ ୧ ପର୍ଯ୍ୟନ୍ତ କେରଳର ଥିରୁବନ୍ତମପୁରଠାରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ ଜାତୀୟ ମାଷ୍ଟର୍ସ ଦୌଡକୂଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁପ୍ରକାଶ ପ୍ରଧାନ ଯୋଗ୍ୟ ବିବେଚିତ ହୋଇଛନ୍ତି। କ୍ରୀଡାବିତ ସୁପ୍ରକାଶ ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟରତ। ଏହି ଅବସରରେ ତାଙ୍କୁ ପ୍ରବେସନାରୀ ଆଇଏଏସ ଅଧିକାରୀ ମୃଣାଳିକା ରାଠୋର ଶୁଭେଚ୍ଛା ଜଣାଇଛନ୍ତି।

# ବେଲଗୁଣ୍ଠାରେ ଗୋଷ୍ଠୀ ସଂଘର୍ଷ; ୧୦ ଗିରଫ

ବେଲଗୁଣ୍ଠା,୧୬।୧(ସମିସ): ଗୁରୁବାର ବଳିମ୍ବିତ ରାତିରେ ବେଲଗୁଣ୍ଠାରେ ଦୁଇ ଦଳିତ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ମାମଲାରେ ପୁଲିସ ଉଭୟ ଗୋଷ୍ଠୀର ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୬ ମାସ ତଳେ ସ୍ଥାନୀୟ ଏକ ପେଟ୍ରୋଲ୍ ଟାଙ୍କିରେ ବେଲଗୁଣ୍ଠାର ଜଣେ ଦଳିତ ଯୁବକଙ୍କୁ ହରିଜନ ଉତ୍ତୁରା ଗାଁର କିଛି ଯୁବକ ଆକ୍ରମଣ କରିଥିଲେ। ଏହା ପରେ ବେଲଗୁଣ୍ଠା ଥାନାରେ ମୌଖିକ ଭାବେ ଉଭୟ ପକ୍ଷରୁ ଆପୋଷ ବୁଝାମଣା ହୋଇଥିଲା। ହେଲେ ଗତ ମକର ଯାତ୍ରାରେ ପୁଣି ଥରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲା। ଏନେଇ ଅଭିଯୋଗ କରିବା ପାଇଁ ଗୁରୁବାର ସନ୍ଧ୍ୟାରେ ହରିଜନ ଉତ୍ତୁରାର କିଛି ଲୋକ ବେଲଗୁଣ୍ଠା ଥାନାକୁ ଆସିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଆହତ ଦୁଇ ଜଣଙ୍କୁ ବେଲଗୁଣ୍ଠା ଇନ୍ସପେକ୍ଟର୍ ଅଭୟ ପ୍ରଧାନ ଏବଂ ପୁଲିସ୍ ବାହିନୀ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ଭଞ୍ଜନଗର ଏସଡିପିଓ ଡ.ଦୀପକ୍ କୁମାର ମିଶ୍ର, ବୁଗୁଡା ଥାନା ଅଧିକାରୀ ସୁଧାଂଶୁ ଶେଖର ମାନ୍ଧାତା, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ପ୍ରମୁଖଙ୍କ ସହ ଦୁଇ ପ୍ଲାଟୁନ ପୁଲିସ୍ ବେଲଗୁଣ୍ଠାରେ ପହଞ୍ଚିଥିଲେ। ଫଳରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ଶୁକ୍ରବାର ସକାଳୁ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ବେଲଗୁଣ୍ଠା ଦଳିତ ସାହି ଛକରେ ପଇଁତରା ମାରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ବେଲଗୁଣ୍ଠାରେ ପୁଲିସ୍ ମୁତୟନ ରହିଛନ୍ତି। ଏନେଇ ବେଲଗୁଣ୍ଠା ଦଳିତ ସାହିର ସୋନୁ ନାଇକଙ୍କ ଏତାଲା ପ୍ରକାରେ ନଂ.୨୧/୨୬ରେ ଏକ ମାମଲା ରୁଜୁ କରାଯାଇ ହରିଜନ ଉତ୍ତୁରାର ଅକ୍ଷୟ ନାଇକ (୨୬), ପ୍ରଣୟ ନାଇକ (୨୬), ମୁନା ନାଇକ (୩୩), ଲିପୂନ ନାଇକ (୩୪)କୁ ଗିରଫ କରାଯାଇଛି। ସେହିପରି ହରିଜନ ଉତ୍ତୁରାର ଅକ୍ଷୟ ନାଇକ ଦେଇଥିବା ଏତାଲା ପ୍ରକାରେ ନଂ.୨୨/୨୬ରେ ଏକ ମାମଲା ରୁଜୁ କରି ବେଲଗୁଣ୍ଠା ଦଳିତ ସାହିର ସୋନୁ ନାଇକ (୨୭), ବାଦଲ ନାଇକ (୨୬), ପ୍ରକାଶ ନାଇକ(୩୫), ସଂଗ୍ରାମ ନାଇକ (୩୦), ସୁଶାନ୍ତ ସାହୁ (୨୮), ଶିଶିର ନାଇକ (୩୦)ଙ୍କୁ ଗିରଫ କରାଯାଇ ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଆଇ ବିଶ୍ୱରଞ୍ଜନ ନାୟକ ଘଟଣାର ତଦନ୍ତ କରୁଛନ୍ତି। ସ୍ଥିତି ଉପରେ ପୁଲିସ୍ କଡ଼ା ନଜର ରଖିଥିବା ବେଳେ କୌଣସି ପରିସ୍ଥିତିରେ କାହାରିକୁ ମଧ ଆଇନ ହାତକୁ ନେବାକୁ ଦିଆଯିବ ନାହିଁ ବୋଲି ଏସଡିପିଓ ଡକ୍ଟର୍ ଦୀପକ ମିଶ୍ର ପ୍ରକାଶ କରିଛନ୍ତି।

## ଆଇନକୁ ହାତକୁ ନେବାକୁ ଦିଆଯିବନି:ଏସ୍‌ଡିପିଓ



## କାର୍ଯ୍ୟକ୍ଷମ ହେଉନି ଜିଓ ଟାୱାର

# ଗାଁରେ ବସିଲା ବୈଠକ; ଆନ୍ଦୋଳନ ଚେତାବନୀ





ଫିରିଙ୍ଗିଆ,୧୬।୧(ସମିସ): ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ମାଳା ଗ୍ରାମରେ ଜିଓ ଟାୱାର ସ୍ଥାପିତ ହୋଇଛି କିନ୍ତୁ ନେଟୱାର୍କ ଆସୁନି। ବେଳେ ବେଳେ କେବଳ ଅଳ୍ପ ସମୟ ପାଇଁ ଭଏସ କଲ୍ କରିବା ହିଁ ସମ୍ଭବ ହେଉଛି। ଡାଟା ମୂଳରୁ ବି ଚାଲୁନି। ଯାହାଦ୍ୱାରା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀଙ୍କ ସହ ଅଞ୍ଚଳବାସୀ। ଏହି ଜିଓ ନେଟୱାର୍କ ସମସ୍ୟା ପାଇଁ ପ୍ରଶାସନକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ମାଳା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମରେ ଗତ ୨୦୨୨ ମସିହାରେ ଜିଓ କମ୍ପାନୀ ପକ୍ଷରୁ ଏକ ଟାୱାର ନିର୍ମାଣ କରାଯାଇଛି। ୪ ବର୍ଷ ବିତିଥିଲେ ସୁଦ୍ଧା କୌଣସି କାମରେ ଆସୁନାହିଁ। ଗ୍ରାହକ ଟଙ୍କା ଖର୍ଚ୍ଚ କରି ମୋବାଇଲ୍ ରିଚାର୍ଜ କରି ବି ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗ୍ରାହକ ସେବା କେନ୍ଦ୍ର ଖୋଲା ଯାଇଛି କିନ୍ତୁ କାମରେ ଲାଗୁନି। ମନରେଗା କାମ ଗାଁ ସାଥୀ ଲୋକଙ୍କୁ କରାଉଛନ୍ତି କିନ୍ତୁ ଲାଇଭ୍ ଫଟୋ ନେଟରେ ଅପଲୋଡ଼ କରି ପାରୁନାହାନ୍ତି। ଏହି ଟାୱାର କେମିତି ଚାଲିବ, ଇଣ୍ଟରନେଟ ସୁବିଧା କେମିତି ମିଳିବ ଏ ସବୁକୁ ନେଇ ଆଜି ପଞ୍ଚାୟତର ୭ ୱାର୍ଡ଼ର ଶତାଧିକ ଲୋକ ମାଳା ଗ୍ରାମରେ ଟାୱାର ସମ୍ମୁଖରେ ଏକ ବୈଠକ କରିଥିଲେ।

ବୈଠକରେ ନିଷ୍ପତ୍ତି ପ୍ରକାରେ ଆଗାମୀ ୧୦ ଦିନ ଭିତରେ ସରକାର ଯଦି ଇଣ୍ଟରନେଟ ସୁବିଧା ଯୋଗାଇ ନଦେଲେ ଆନ୍ଦୋଳନ କରାଯିବା ସହ ଜିଲ୍ଲାପାଳ ଅଫିସ୍ ଘେରାଉ କରାଯିବ ବୋଲି ସରପଞ୍ଚ ରଶ୍ମିତା କହଁର, ସମିତିସଭ୍ୟ ଦିଲୀପ ଦିଗାଲ, ଗାଁ ସାଥୀ ସନ୍ନ୍ୟାସୀ କହଁର, ବଶିରାମ ଦିଗାଲ, ବାଳକୃଷ୍ଣ କହଁର, ଦୁଗୁନି ଦିଗାଲ, ଭରତ କହଁର, ସରୋଜ କହଁରଙ୍କ ସମେତ ଅଞ୍ଚଳବାସୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ଜି.ଉଦୟଗିରିରେ ତାପମାତ୍ରା ୨.୬

ଜି.ଉଦୟଗିରି,୧୬।୧(ସମିସ): ଜି.ଉଦୟଗିରିରେ ଶୀତରୁ ମିଳୁନି ନିସ୍ତାର। କିଛିଦିନ ବ୍ୟବଧାନରେ ପୁଣି ଥରେ ତଳମୁହାଁ ହୋଇଛି ପାରଦ। ଜିଲ୍ଲାରେ ତଥା ରାଜ୍ୟର ଶୀତଳତମ ସହର ଭାବେ ପରିଗଣିତ ହୋଇଛି ଜି.ଉଦୟଗିରି। ଗୁରୁବାର ଦିନ ସର୍ବନିମ୍ନ ତାପମାତ୍ରା ୫. ୨ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୭. ୩ ଡିଗ୍ରୀ, ଦାରିଙ୍ଗବାଡି ୧୦. ୫ ଡିଗ୍ରୀ ରହିଥିଲା। ଶୁକ୍ରବାର ଏହା ଖସି ଜି.ଉଦୟଗିରିରେ ୨.୬ ଡିଗ୍ରୀ, ଫୁଲବାଣୀ ୬.୧, ଦାରିଙ୍ଗବାଡି ୯ ଡିଗ୍ରୀ ଥିବା ପାଣିପାଗ ବିଭାଗ ରେକର୍ଡ କରିଛି। ସାଧାରଣତଃ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣରେ ତାପମାତ୍ରା ବଢ଼ିବା ବଦଳରେ କମିବାରେ ଲାଗିଛି। ଅସହ୍ୟ ଶୀତ ଯୋଗୁଁ ଦିନରେ ବି ଲୋକେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।

## ବିଭାଗୀୟ ଉପସଚିବଙ୍କ ଖାଉଟି କେନ୍ଦ୍ର ପରିଦର୍ଶନ



ପାରଳାଖେମୁଣ୍ଡି,୧୬।୧(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶ କ୍ରମେ ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ଖାଉଟି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ ବିଭାଗୀୟ ଉପସଚିବ ମନୋଜ କୁମାର ପଟ୍ଟନାୟକ। ଖାଉଟିଙ୍କୁ ଭେଟି ସମସ୍ୟା ପଚାରି ବୁଝିବା ସହ ସୁଲଭମୂଲ୍ୟ ଦୋକାନ ନିରୀକ୍ଷଣ କରିଥିଲେ। ଆଜି ଉପସଚିବ ଶ୍ରୀ ପଟ୍ଟନାୟକ ପାରଳାଖେମୁଣ୍ଡି ପୌରପରିଷଦର ୧ ଏବଂ ୪ନମ୍ବର ୱାର୍ଡରେ ଥିବା ଖାଉଟି କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ପରିଦର୍ଶନ ଓ ନିରୀକ୍ଷଣ ସମୟରେ ଶ୍ରୀ ପଟ୍ଟନାୟକ କୌଣସି ସମସ୍ୟା ନଥିବା ଏବଂ ସଠିକ୍ ଭାବେ ରାସନ ବିତରଣ କରାଯାଉଥିବା ଜାଣିବାକୁ ପାଇଥିବା କହିଛନ୍ତି। ଉପସଚିବଙ୍କ ପରିଦର୍ଶନ ସମୟରେ ଜିଲ୍ଲା ଯୋଗାଣ ବିଭାଗ ଏସିଏସ୍ଓ ସବ୍ୟସାଚି ବସ୍ତିଆ ଓ ପୌରପରିଷଦର ଯୋଗାଣ ଅଧିକାରୀ ରୀତା ବେହେରା ଉପସ୍ଥିତଥିଲେ।

● ହାଇଟେକ୍ ପ୍ଲାଜାରେ ମକର ସଂକ୍ରାନ୍ତି

## ଶୀତୁଆ ସନ୍ଧ୍ୟାରେ ହସାଇଲେ ହାସ୍ୟ ଅଭିନେତା



ପାରଳାଖେମୁଣ୍ଡି,୧୬ ।୧(ସମିସ) : ପାରଳାଖେମୁଣ୍ଡି ସହର ରାମନଗରରେ ଥିବା ହାଇଟେକ୍ ପ୍ଲାଜାରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ତିନିଦିନିଆ ଉତ୍ସବରେ ବହୁ ସଂଖ୍ୟକ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ତେଲୁଗୁ ଚିତ୍ର ତାରକାଙ୍କ ଠାରୁ ଆରମ୍ଭ କରି ହାସ୍ୟ ଅଭିନେତାଙ୍କ ମଞ୍ଚ ପ୍ରଦର୍ଶନକୁ ଦେଖିବାକୁ ଶୀତକାକର ସନ୍ଧ୍ୟାରେ ଲୋକଙ୍କ ଭିଡ ଜମିଥିଲା। ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପଡୋଶୀ ଆନ୍ଧ୍ର ପ୍ରଦେଶର ପୁରୁଣାପାଟଣା ବିଧାୟକ ମାବିଡି ଗୋବିନ୍ଦ ଏବଂ ଆମଦଲବାଲାସା ବିଧାୟକ ରବିକୁମାର ଏଥିରେ ଯୋଗ ଦେଇଥିଲେ। ସେମାନଙ୍କ ସହ ଓଡ଼ିଆ ସିନେ ଜଗତର ତାରକା ଡ. ଶୀତଳ ପାତ୍ର, ଡ. ଅନୁରାଧା ପାଣିଗ୍ରାହୀ ଭଳି ବ୍ୟକ୍ତିବିଶେଷ ମଧ୍ୟ ଯୋଗ ଦେଇଥିଲେ। ସମସ୍ତ ବିଧାୟକ, ସିନେ ତାରକାଙ୍କୁ ସମ୍ବର୍ଦ୍ଧିତ କରାଯାଇ ସମ୍ମାନିତ କରାଯାଇଥିଲା।

## ଗଜପତି ଜିଲ୍ଲା ବିଜେଡି ବ୍ଲକ ଓ ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷିତ

ପାରଳାଖେମୁଣ୍ଡି,୧୬ ।୧(ସମିସ): ଗଜପତି ଜିଲ୍ଲା ବିଜେଡିର ବ୍ଲକ ଓ ସହରାଞ୍ଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲାରେ ବିଜେଡିକୁ ଆହୁରି ଅଧିକ ସଶକ୍ତ କରିବା ପାଇଁ ଆଜି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳୀୟ ମୁଖ୍ୟାଳୟର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଏହି ତାଲିକା ଘୋଷଣା କରିଛନ୍ତି। ଜିଲ୍ଲାର କାଶୀନଗର ବ୍ଲକ ପାଇଁ ଅଖିଳ ପାତ୍ର, ଗୁମ୍ମା ବ୍ଲକ ପାଇଁ ମୁସୁଲାମ ରଇତ, ଗୋଷାଣି ବ୍ଲକ ନିମନ୍ତେ ସି.ଏଚ୍. ଈଶ୍ୱର ରାଓ, ମୋହନା ବ୍ଲକ ପାଇଁ ଶିବଶଙ୍କର ସାହୁ, ଆର୍.ଉଦୟଗିରି ବ୍ଲକ ନିମନ୍ତେ ରାଜେନ୍ଦ୍ର ପ୍ରସାଦ ରଣସିଂ ନାୟକ, ରାୟଗଡ ବ୍ଲକ ନିମନ୍ତେ ସୀମାଞ୍ଚଳ ମହାନ୍ତି ଓ ନୂଆଗଡ ବ୍ଲକ ପାଇଁ ଯକ୍ଷ୍ୟ ମଣ୍ଡଳଙ୍କୁ ବ୍ଲକ ସଭାପତି ଭାବେ ଚୟନ କରାଯାଇଛି। ପାରଳାଖେମୁଣ୍ଡି ପୌରପରିଷଦ ନିମନ୍ତେ ସୁଧରଞ୍ଜନ ମହାପାତ୍ର ଏବଂ କାଶୀନଗର ଏନ୍‌ଏସି ପାଇଁ ଏଲ୍.ଏନ୍. ରାଓଙ୍କୁ ସହରାଞ୍ଚଳ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ତାଲିକା ପ୍ରକାଶ ପାଇବା ପରେ ସମସ୍ତ ନବନିଯୁକ୍ତ ସାଙ୍ଗଠନିକ ବ୍ୟକ୍ତି ଦଳୀୟ ସୁପ୍ରିମୋଙ୍କ ସହ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାର ସାଂଗଠନିକ ସ୍ଥିତିକୁ ତୃଣମୂଳସ୍ତରରେ ଆହୁରି ମଜବୁତ କରିବା ଲାଗି ଦଳୀୟ ସୁପ୍ରିମୋଙ୍କ ଏପରି ଘୋଷଣାକୁ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସମେତ ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ବିଜେଡି ନେତୃବୃନ୍ଦ ସ୍ୱାଗତ ଜଣାଇଛନ୍ତି।

## ଖଳାରେ ନିଆଁ; ପୋଡ଼ିଗଲା ୫୦ ବସ୍ତା ଧାନ

ପାରଳାଖେମୁଣ୍ଡି,୧୬ ।୧(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ପଞ୍ଚାୟତ କୋୟାକୋଣ୍ଡା ଗ୍ରାମର ଭେଙ୍କେଟେଶ୍ୱର ଶବରଙ୍କ ଧାନ ଖଳାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଏଥିରେ ୫୦ ବସ୍ତାରୁ ଅଧିକ ଧାନ ପୋଡ଼ିଯାଇଥିବା ବେଳେ ଅବଶିଷ୍ଟ ଧାନ ନଷ୍ଟ ହୋଇଛି। ଭେଙ୍କେଟେଶ୍ୱର ଆଜି

### ଦୁର୍ବୃତ୍ତ ନିଆଁ ଲଗାଇଥିବା ଆଶଙ୍କା

ସକାଳ ୧୧ଟା ପର୍ଯ୍ୟନ୍ତ ନିଜ ଧାନଖଳାରେ ଥିଲେ। ଏହାପରେ ସେ ଗାଧୋଇବାକୁ ଯାଇଥିଲେ। ଅଧଘଣ୍ଟା ପରେ ପୁଣି ନିଜ ଖଳାକୁ ଆସିଲା ବେଳକୁ ଧାନ ଗଦାରେ ନିଆଁ ଲାଗିଥିବା ଦେଖିଥିଲେ। ତୁରନ୍ତ ଗାରାବନ୍ଧା ଥାନାକୁ ଖବର ଦେବା ପରେ ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ସେତେବେଳକୁ ପୁଲିସ୍ ଟିମ୍ ଓ ଗ୍ରାମବାସୀ ମିଶି ସମସ୍ତ ଧାନ ମଧ୍ୟରୁ ପ୍ରାୟ ୨୦ ବସ୍ତା ବାହାର କରିଦେଇଥିଲେ। ଅବଶିଷ୍ଟ ୫୦ ବସ୍ତାରୁ ଅଧିକ ଧାନ ପୋଡିଯାଇଥିଲା। ଭେଙ୍କେଟେଶ୍ୱର ଜଣେ ଭାଗ ଚାଷୀ। ବିଗତ ବର୍ଷ ମଧ୍ୟ ତାଙ୍କ ଖଳାରେ ନିଆଁ ଲାଗି ବହୁ ପରିମାଣର ଧାନ ନଷ୍ଟ ହୋଇଥିଲା।



ଚଳିତ ବର୍ଷ ପୁଣି ଏପରି ଅଘଟଣ ଘଟିଥିବାରୁ କେହି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇଦେଇଥିବା ସେ କହିଛନ୍ତି। ଏନେଇ ଗାରାବନ୍ଧ ଥାନାର ଦ୍ୱାରସ୍ଥ ହେବେ ବୋଲି ଭେଙ୍କେଟେଶ୍ୱର ଏବଂ ତାଙ୍କ ମା' କହିଛନ୍ତି।

## ଜି.ଉଦୟଗିରି ଲ୍ୟାମ୍ପ୍ସ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ଜି.ଉଦୟଗିରି,୧୬।୧(ସମିସ): ଜି.ଉଦୟଗିରି ଆଦର୍ଶ ଲ୍ୟାମ୍ପ୍ସ ସମବାୟ ସମିତିର ଧାନମଣ୍ଡି ଖୋଲିଛି। ଏହାକୁ ସମିତି ସଭାପତି ଯମେଶ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ମା ବାରାଳଦେବୀ ମିଲ ତରଫରୁ ମିଳନ ଯୋଶୀ, ଫୁଡ ଓଡ଼ିଶା କର୍ପୋରେସନ ମାର୍କେଟିଙ୍ଗ ଇନସପେକ୍ଟର ଓ ୧୫ ଜଣରୁ ଅଧିକ ଚାଷୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହାକୁ ସମିତିର ପରିଚାଳନା ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ତଦାରଖ କରିଥିଲେ ଓ ସମିତିର ଅନ୍ୟ କର୍ମଚରୀ ସହଯୋଗ କରିଥିଲେ। ପ୍ରଥମ ଦିନରେ ୭ ଜଣ ଚାଷୀଙ୍କ ଠାରୁ ୩୬୭. ୫୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା।

## ଗଜପତି ଉତ୍ସବ ପୋଷ୍ଟର ଓ ପ୍ରଚାର ରଥ ଉଦ୍‌ଘାଟିତ



ପାରଳଖେମୁଣ୍ଡି,୧୬ ।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ହେବାକୁ ଥିବା ଗଜପତି ଉତ୍ସବର ପୋଷ୍ଟରକୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଉନ୍ମୋଚନ ହୋଇଯାଇଛି। ଏହା ସହ ଗଜପତି ଉତ୍ସବର ପ୍ରଚାର ପ୍ରସାର ରଥକୁ ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକରେ ବୁଲି ଉତ୍ସବ ଚଳିତ ଜାନୁଆରୀ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ସ୍ଥାନୀୟ ଗଜପତି ଷ୍ଟାଡିୟମରେ ଅନୁଷ୍ଠିତ ହେବା ନେଇ ପ୍ରଚାର କରିବ। ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଭାଇଚାରାର ମାଟି ଗଜପତି। ସେହିପରି ଜିଲ୍ଲାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳାର ମହାକୁମ୍ଭ ଗଜପତି ମହୋତ୍ସବରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର କଳାର ନୈପୁଣ୍ୟତା ପ୍ରଦର୍ଶନ କରିବେ। ସେହିପରି ଜିଲ୍ଲାରେ ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷି ଜାତ ଦ୍ରବ୍ୟ, ହସ୍ତତନ୍ତ ସାମଗ୍ରୀ ଓ ସଉରା ଚିତ୍ରକଳା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ଓ ବିକ୍ରି କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଉତ୍ସବ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ପ୍ରଚାର କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ

ଫିରିଙ୍ଗିଆ,୧୬।୧(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଲୋଇସିଂ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ବାଇକ୍ ଚାଳକ ହେଲେ ଦିଲୀପ ବଗର୍ତ୍ତି ଓ ତାଙ୍କ ଘର ସଦର ଥାନା ଅଞ୍ଚଳ ମଲିକପଡ଼ାରେ। ସେ ଦୀର୍ଘବର୍ଷ ହେବ ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନା କାଣିସେମେଲି ଗାଁରେ ରହୁଥିଲେ। ଗୁରୁତର ଆହତ ବାଇକ ଚାଳକ ଜଣକ ଗୋଛାପଡା ଥାନା ବାଲାନ୍ଦାପଡାର ସାନୁ ସାହୁ। ପୁଲିସର ସୂଚନା ଅନୁସାରେ, ଶୁକ୍ରବାର ମାଧ୍ୟାହ୍ନରେ ଦିଲୀପ ଲୋଇସିଂରେ ଚାଲିଥିବା ମକର ଯାତ୍ରା ଦେଖି ବାଇକରେ ଗାଁକୁ ଫେରୁଥିବାବେଳେ ଯାତ୍ରା ପଡିଆ ସମ୍ମୁଖରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପଲସର୍ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଯାତ୍ରା କମିଟି ସଦସ୍ୟଙ୍କ ସହ ସ୍ଥାନୀୟ ବିଜେପି ଯୁବ ନେତା ବାବୁଲା କହଁର ବାଲାନ୍ଦାପଡା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଦିଲୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆହତ ବାଇକ ଚାଳକ ବର୍ତ୍ତମାନ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏସମ୍ପର୍କରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।



## ତଦନ୍ତ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ; ବଢୁଛି ଅସନ୍ତୋଷ

### ଟଣାସୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

ଫିରିଙ୍ଗିଆ,୧୬।୧(ସମିସ): ଫିରିଙ୍ଗିଆ ବ୍ଲକ ସାଲାଗୁଡା ପଞ୍ଚାୟତ ଟଣାସୁ ଉପ୍ରା ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ନିମ୍ନମାନର ମଧ୍ୟାହ୍ନଭୋଜନ, ସ୍କୁଲ ଟଙ୍କା ହେରଫେର, ଏସଏମ୍‌ସି କମିଟିକୁ ଅଣଦେଖା, ପ୍ରଧାନ ଶିକ୍ଷକଙ୍କ ମନମାନୀ ଦିନକୁ ଦିନ ଅସହ୍ୟ ହେବାରୁ ଗ୍ରାମବାସୀ ନିଜ ଗାଁର ସ୍କୁଲ ଓ ନିଜ ପିଲା ମାନଙ୍କ ଭବିଷ୍ୟତ ସଜାଡ଼ିବାକୁ ସଜବାଜ ହେଉଛନ୍ତି। ଗ୍ରାମବାସୀ ପ୍ରଥମେ ଏ ସମ୍ପର୍କରେ ଫିରିଙ୍ଗିଆ ବିଇଓଙ୍କୁ ଅବଗତ କରାଇଥିଲେ। ବିଇଓ ତଦନ୍ତ ନିର୍ଦ୍ଦେଶ ଦେଇ ଜଣେ ପ୍ରଧାନ ଶିକ୍ଷକ ଓ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀଙ୍କୁ ଟଣାସୁ ସ୍କୁଲ ପଠାଇଥିଲେ। ତଦନ୍ତ ରିପୋର୍ଟ ମଧ୍ୟ ଆସିଲା ଓ ଗ୍ରାମବାସୀଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ ହେଲା। କିନ୍ତୁ ଫଳ ଶୂନ। ସ୍କୁଲର ରିଜୋଲୁସନ ଖାତା, ପାସ୍‌ବୁକ, କ୍ୟାସ ବୁକ୍, ବିଲ ଭାଉଚର, ଷ୍ଟକ ବିବରଣୀ ଓ ୟୁସି ରେକର୍ଡ ନଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ତା ଛଡା ୨୦୨୨ ପର୍ଯ୍ୟନ୍ତ ଉଠାଯାଇଥିବା ସ୍କୁଲ ଟଙ୍କାର ରିଜୁଲେସନରେ ବିଦ୍ୟାଳୟ ପରିଚାଳନା କମିଟିର କୌଣସି ମେମ୍ବରଙ୍କ ଦସ୍ତଖତ ନାହିଁ। ମନଇଚ୍ଛା ଟଙ୍କା ଉଠାଯାଇଥିବା ଓ ମାଧ୍ୟାହ୍ନଭୋଜନ ବିଲରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଯାଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସ୍କୁଲରେ ତାଲା ପକାଇ ଜିଲ୍ଲାପାଳଙ୍କ ପାଖକୁ ଯାଇ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଜାତୀୟସ୍ତରୀୟ କବାଡ଼ି ଖେଳିବାକୁ ଗୁଡିୱାଡା ଗଲେ ଦେବୀକା



ଗୋଷାଣି,୧୬ ।୧(ସମିସ): ଗୋଷାଣି ବ୍ଲକ ଶରଧାପୁର ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ବି.ଦେବୀକା ଜାତୀୟସ୍ତର କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏକ ଅଖ୍ୟାତ ପଲ୍ଲୀ ଶରଧାପୁର ଗ୍ରାମରେ ଖେଳିବା ପାଇଁ ପଡିଆ ନଥିବା ବେଳେ ଦେବୀକା ନିଜର କଠିନ ପରିଶ୍ରମ ଫଳରେ ଆଜି ୬୯ ତମ ଜାତୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆନ୍ଧ୍ରପ୍ରଦେଶର ଗୁଡ଼ିୱାଡା ଯାତ୍ରା କରିଛନ୍ତି। ଏହାର ସମସ୍ତ ଶ୍ରେୟ ସେ ନିଜ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତିକ ପାହାଡ଼ସିଂଙ୍କୁ ଦେଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ, ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ବ୍ଲକର ସମସ୍ତ ଖେଳ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦେବୀକା ବାଘଶାଳା ସ୍ଥିତ ରାଧାଚରଣ ବାଳିକା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ କବାଡି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ। ଏହାପରେ ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ସେଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ଜାତୀୟ ସ୍ତରକୁ ମନୋନିତ ହୋଇଛି। ଏଥିରେ ଖେଳ ଶିକ୍ଷକ ଜିତେନ୍ଦ୍ର ପଣ୍ଡା, କେ. ଧନରାଜ, ପ୍ରତିକ କିରଣ ପାହାଡ଼ ସିଂ, ଲିଙ୍ଗରାଜ ସାହୁ, କେ. ସାଇ କୁମାର, ଶଶୀ କୁମାର, ଦର୍ଷିତା ପଟ୍ଟନାୟକ, ରେଖାରାଣୀ ଦେଓ କବାଡି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଦେବୀକାଙ୍କ ବାପା ବି. କ୍ରିଷ୍ଣା ରାଓ ଜଣେ ଅଟୋ ଡ୍ରାଇଭର ହୋଇଥିବା ବେଳେ ଝିଅର ସଫଳତାକୁ ନେଇ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି।

■ ନୂଆଗଡ଼ ଋଷିଶୃଙ୍ଗ ମହୋତ୍ସବ ଶୁଭାରମ୍ଭ

## ଛାତ୍ରଛାତ୍ରୀଙ୍କ ନୃତ୍ୟ ଗୀତରେ ଦୁଲୁକିଲା ମଞ୍ଚ

ନୂଆଗଡ,୧୬।୧(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଗଜପତି ଉତ୍ସବ ତଥା ଋଷିଶୃଙ୍ଗ ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଋଷିଶୃଙ୍ଗ ମହୋତ୍ସବ ନିମନ୍ତେ ମହେନ୍ଦ୍ରଗିରି କୁନ୍ତୀ ମନ୍ଦିରରୁ ଆସିଥିବା ମଶାଲକୁ ଧରି ବ୍ଲକ



କାର୍ଯ୍ୟାଳୟରୁ ବାହାରି ଶୋଭାଯାତ୍ରାରେ ଉତ୍ସବ ପେଣ୍ଡାଲ ସମ୍ମୁଖକୁ ଅଣାଯାଇଥିଲା। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଉଦଘାଟନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପୃଥିରାଜ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷା ନିହିମିୟା ରଇତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜି ଓ ସାଂସଦ ପ୍ରତିନିଧି ସୁବାସ ପାଇକ ଯୋଗ ଦେଇଥିଲେ। ଲୋକକଳାର ବିକାଶ ତଥା ଗ୍ରାମାଞ୍ଚଳରେ ରହୁଥିବା କଳାକାରଙ୍କ ପ୍ରତିଭାକୁ ଲୋକଲୋଚନକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ରାଜନୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୀତ ନାଚ କରି ଉତ୍ସବକୁ ସରସ ସୁନ୍ଦର କରିବା ସହ ଦର୍ଶକଙ୍କୁ ଝୁମାଇଥିଲେ। ମହୋତ୍ସବ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀ, କୁନିକୁନି ପ୍ରତିଭା ଏବଂ ସରପଞ୍ଚ, ସମିତି ସଭ୍ୟସଭ୍ୟାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ବ୍ଲକ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ମିଶ୍ର ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ମାଓ ଭୟରେ ୫ବର୍ଷ ଧରି ଅଞ୍ଚଳକୁ ପଶୁନଥିଲା ପୁଲିସ

# ଏବେ କଟାହେଲା ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ

ଫିରିଙ୍ଗିଆ,୧୬।୧(ସମିସ)

ମାଓ ଭୟରେ ୫ ବର୍ଷ ହେଲା ପୁଲିସ ଅଞ୍ଚଳକୁ ପଶୁ ନଥିଲା। ଚଳିତ ବର୍ଷ ପୁଲିସ ଟିମ୍ ସେହି ଅଞ୍ଚଳରେ ପଶି ବିପୁଳ ପରିମାଣରେ ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ଏପରି ଘଟଣା ଦେଖିôବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ। ବ୍ଲକର ପାଙ୍ଗା ଉପର ସାହି ପଞ୍ଚାୟତରେ ଅନେକ ଉପାନ୍ତ ଅଞ୍ଚଳ ରହିଛି।

ବଣଜଙ୍ଗଲ ଘେରା ଏହି ଅଞ୍ଚଳ ମାଓ ପ୍ରଭାବିତ ଅଞ୍ଚଳ ଭାବରେ ଚିହ୍ନଟ



କରାଯାଇଥିଲା। ମାଓ ଭୟରେ ପୁଲିସ ସେହି ଅଞ୍ଚଳକୁ ଯାଇ ଗଞ୍ଜେଇ ଗଛ କାଟି ନଷ୍ଟ କରିପାରୁନଥିଲା। ଜୋର୍‌ଦାର ମାଓ ଦମନ ପରେ ଓ ଫିରିଙ୍ଗିଆ ଥାନାରେ ନୂତନ ଥାନା ଅଧିକାରୀ ଭାବେ ମୁରଲୀଧର ସାହୁ ଦାୟିତ୍ୱ ନେବା ପରେ ଟିମ୍ ସହ ପାଙ୍ଗା ଉପରସାହି ପଞ୍ଚାୟତର ବିଭିନ୍ନ ଜଙ୍ଗଲ ଜମିରେ ବେଆଇନ ଭାବରେ ପ୍ରାୟ ୯୫ ଏକର ଜମିରେ ଚାଷ ହୋଇଥିବା ପ୍ରାୟ ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛନ୍ତି। ଶୁକ୍ରବାର ପୁଲିସ ସହ ଗଞ୍ଜେଇ ଗଛ କାଟିବାକୁ ପ୍ରାୟ ୪୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସୁରକ୍ଷା ପାଇଁ ବ୍ୟାପକ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ଗୁରବାର ଦିନ ଏହି ଅଭିଯାନରେ ପାଙ୍ଗା ଉପରସାହି ପଞ୍ଚାୟତ ତଳମାଳା, ସିପାଞ୍ଜୁରୀ ଓ ଡାମି ଗାଁ ନିକଟବର୍ତ୍ତୀ ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛକାଟି ନଷ୍ଟ କରାଯାଇଥିଲା।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

ବେଲଗୁଣ୍ଠା,୧୬ ।୧(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରିୟବରପୁର ପିଏମଶ୍ରୀ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଅତିରିକ୍ତ ତହସିଲଦାର କବିରାଜ ସେଠି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରିଧାରୀ ନାୟକ, ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରୁନିକାନ୍ତା ତ୍ରିପାଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆ, ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ଡନଗଡ଼ା ଆର୍ଯ୍ୟ କନ୍ୟା ଗୁରୁକୁଳ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ଆଲୁମିନି ସଦସ୍ୟ ରାମନାରାୟଣ ପଣ୍ଡା, ସିଆରସିସି ଛାୟାକାନ୍ତ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରଞ୍ଜିତ୍ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଏନସିସି ଫାଷ୍ଟ ଅଫିସର୍ ଜୟରାମ ବିଶାଳ ଅତିଥି ମାନଙ୍କୁ ପାଛୋଟି ନେଇଥିଲେ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଧାନ ମଣ୍ଡି ଉଦଘାଟନ କଲେ ବିଧାୟକ



କବିସୂର୍ଯ୍ୟନଗର,୧୬ ।୧(ସମିସ): କବିସୂର୍ଯ୍ୟନଗର ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡିର ଉଦଘାଟନ କରିଛନ୍ତି ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ ନିଜେ ଜଣେ ଚାଷୀ ବୋଲି ନିଜକୁ ଅଭିହିତ କରିଥିଲେ। ସମବାୟ ସଭାପତି ମନ୍ମଥ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ନଗର ସଭାପତି ଅଶୋକ କୁମାର ଜେନା, ସମବାୟ ସମ୍ପାଦକ ତତ୍ତ୍"ମସୀ ପରିଡା, ବରିଷ୍ଠ ସମାଜସେବୀ ରାମପ୍ରସାଦ ମହାରଣା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠି, ବିଜେପି ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାପାତ୍ର, ଯୋଗାଣ ଅଧିକାରୀ ଶିବରାମ ମିଶ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ବେହେରା ଓ ପ୍ରାକ୍ତନ ମଣ୍ଡଳ ସଭାପତି ଶିବରାମ ପଣ୍ଡା ମଞ୍ଚାସୀନ ଅତିଥି ଥିଲେ। ଶନିବାର ଠାରୁ ମିଲର ଧାନ ଉଠାଇବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

# ଲିଙ୍ଗରାଜ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ



ପୋଲସରା,୧୬ ।୧(ସମିସ): ପୋଲସରା ସହରର ସର୍ବ ପୁରାତନ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମୀୟ ପ୍ରସାଦ ସାହୁ ଅଧ୍ୟକ୍ଷତା କରିବା ସହ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେଇ ନାରୀ ଶିକ୍ଷାର ବିକାଶ ହେଲେ ଶିକ୍ଷାର ବିକାଶ ସୁନିଶ୍ଚିତ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ରଥ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀହର୍ଷବାବୁ ଖାଡ଼ଙ୍ଗା, ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ କାମ୍ପ ବଢ଼େଇ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବବିତା ପଣ୍ଡା, ମନ୍ତ୍ରୀଙ୍କ ଓଏସଡି ପ୍ରତାପ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଲୀଳାବତୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

# କେଏଟିଏସ ଆୟୁର୍ବେଦ କଲେଜରେ ନିଶୁଳ୍କ "ନିଦାନ' ସେବା ଉଦ୍‌ଘାଟିତ

କୁକୁଡାଖଣ୍ଡି,୧୬ ।୧(ସମିସ): ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା (କେଏଟିଏସ) ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ନିଶୁଳ୍କ "ନିଦାନ' ସେବାର ଉଦ୍‌ଘାଟନ ହୋଇଛି। ଦିଗପହଣ୍ଡି ବିଧାୟକ ଡ଼ା. ସିଦ୍ଧାନ୍ତ ମହାପାତ୍ର ଏହି ସେବାର ଉଦଘାଟନ କରିଥିଲେ। ରୋଗୀମାନେ ରକ୍ତ ସର୍କରା, କୋଲେଷ୍ଟ୍ରଲ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ପରୀକ୍ଷା ମାଗଣାରେ କରାଇ ପାରିବେ। ପ୍ରକାଶ ଥାଉକି, ଓଡ଼ିଶା ସରକାର ଓ ପୁଣେ ସ୍ଥିତ କ୍ରିଷ୍ଣା ନିଦାନ କେନ୍ଦ୍ର ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ, ରାଜ୍ୟର ୪ଟି ହୋମିଓପାଥିକ ଓ ୩ ଟି ସରକାରୀ ଆୟୁର୍ବେଦିକ କଲେଜ ସହିତ ମୋଟ ୭ଟି ଆୟୁଷ କଲେଜରେ ଏହି ନିଶୁଳ୍କ "ନିଦାନ' ସେବା ପ୍ରଦାନ କରାଯିବ। ଏହି ଅବସରରେ କେଏଟିଏସ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ା. ଅରୁଣ କୁମାର ଦାଶ, କ୍ରିଷ୍ଣା ଡାଇଗ୍ନୋଷ୍ଟିକ "ନିଦାନ' କେନ୍ଦ୍ରର କର୍ମଚାରୀମାନେ, ଆୟୁର୍ବେଦିକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ଶିକ୍ଷକଙ୍କ ଡେପୁଟେସନ ଆଦେଶ ପ୍ରତ୍ୟାହାର ଦାବି

# ସ୍କୁଲ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା

କବିସୂର୍ଯ୍ୟନଗର,୧୬ ।୧(ସମିସ)



କାର୍ଯ୍ୟରତ ଶିକ୍ଷକଙ୍କ ଡେପୁଟେସନ ଆଦେଶ ପ୍ରତ୍ୟାହାର ଦାବିରେ ଛାତ୍ରଛାତ୍ରୀ ସ୍କୁଲ ଗେଟ ଆଗରେ ଧାରଣା ଦେଇଛନ୍ତି। କବିସୂର୍ଯ୍ୟନଗର ବ୍ଲକ ଏ-ବରିଡା ଗ୍ରାମ ପିଏମଶ୍ରୀ ବଧ୍ୟବାମନ ହାଇସ୍କୁଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଛି।

ସୂଚନାନୁସାରେ, ଏ ବରିଡା ଗ୍ରାମ ପିଏମଶ୍ରୀ ବଧ୍ୟବାମନ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କୁ ନିକଟ ଡିଆଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଛି। ଏନେଇ ବିଇଓ ଚିଠି ପ୍ରକାରେ ଗୁରୁବାର ପ୍ରଧାନ ଶିକ୍ଷକ ତାଙ୍କୁ ରିଲିଭ ପାଇଁ ଡାକିଥିଲେ। କିନ୍ତୁ ଏହି ଖବର ଜଣାପଡ଼ିବା ପରେ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଗେଟରେ ତାଲା ମାରି ଡେପୁଟେସନ ଆଦେଶ ବାତିଲ କରିବାକୁ ପ୍ରଧାନ ଶିକ୍ଷକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏଥିସହ ଅଭିଭାବକ, ଗ୍ରାମବାସୀ, ଛାତ୍ରଛାତ୍ରୀଙ୍କ ପକ୍ଷରୁ ଡେପୁଟେସନରେ ନ ଛାଡ଼ିବାକୁ ଲିଖିତ ଅଭିଯୋଗ ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ଯାହାକୁ ନେଇ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ ଦ୍ୱନ୍ଦ୍ୱରେ ପଡିଥିଲେ। ସ୍କୁଲରେ ଶୁକ୍ରବାର ବି ଅଚଳାବସ୍ଥା ଲାଗି ରହିଥିଲା। ତେବେ ବିଡ଼ିଓ ରାଜେନ୍ଦ୍ର ନାୟକ, ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର ଓ ବିଇଓ ଅଭିମନ୍ୟୁ ସାହୁ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିଥିଲେ। ଆସନ୍ତା ରବିବାର ଏନେଇ ସ୍କୁଲ କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ୍ୟରେ ଏକ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ



ରମ୍ଭା,୧୬ ।୧(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲାବେଳେ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପରୀକ୍ଷାର ସଠିକ୍ ପରିଚାଳନା, ପ୍ରଶ୍ନପତ୍ର ସମ୍ବନ୍ଧୀୟ ତଥ୍ୟ, ତାଲିମ୍ ପ୍ରଶିକ୍ଷଣ ବ୍ୟତୀତ ପାଠଚକ୍ର, କର୍ମଶାଳା ନିୟମିତ ହେବା ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପ୍ରଥମ ଅଧିବେଶନକୁ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଦ୍ୱିତୀୟ ଅଧିବେଶନକୁ ଗାୟତ୍ରୀ ସ୍ୱାଇଁ, ତୃତୀୟ ଅଧିବେଶନକୁ ଶିକ୍ଷକ ପ୍ରଶିକ୍ଷକ ନବୀନ ପ୍ରମାଣିକ, ଚତୁର୍ଥ ଅଧିବେଶନକୁ ଶିକ୍ଷକ ପ୍ରଶିକ୍ଷିକା କଲ୍ୟାଣୀ କୁମାରୀ ଗୌଡ଼ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ପାଠ ଟୀକା, ଦକ୍ଷତା ଆଧାରରେ ଯୋଜନା ପ୍ରସ୍ତୁତି ସହିତ ଉପସ୍ଥାପନ କରିଥିଲେ। ଜିଲ୍ଲାର ସମସ୍ତ ୨୨ଟି ବ୍ଲକର ବିଭିନ୍ନ କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ। ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ମୁକ୍ତିକାନ୍ତ ବେହେରା, ସୁକୁଲେଇ ଟୁଡୁ, ନବୀନ ପ୍ରମାଣିକ, ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା, ଲିପି ଶ୍ରୀ ଦେବୀ, ଡ଼. ନୀହାରିକା ସାମନ୍ତରାୟ, ଗାୟତ୍ରୀ ସ୍ୱାଇଁ, କଲ୍ୟାଣୀ କୁମାରୀ ଗୌଡ଼, ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

# ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୧୬ ।୧(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡୋକି ସରୋଜିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଗୁଣାତ୍ମକ ଶିକ୍ଷା ଏବଂ ଉପଯୁକ୍ତ ଶିକ୍ଷକଙ୍କ ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ବିଶ୍ୱାଳ ଯୋଗଦେଇ ଶୃଙ୍ଖଳା ହିଁ ସଫଳତାର ମାପ କାଠି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସଂଗଠକ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ଅବସରପ୍ରାପ୍ତ କିରାଣୀ ସୂର୍ଯ୍ୟନାରାୟଣ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ତଥା ହାସ୍ୟ ଅଭିନେତା ଅଜିତ୍ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# କଙ୍କୋରଡ଼ା କଲେଜରେ ଜାତୀୟ ପାଠଚକ୍ର

ସାନଖେମୁଣ୍ଡି,୧୬ ।୧(ସମିସ): କଙ୍କୋରଡା ବିଜ୍ଞାନ ମହାବିଦ୍ୟାଳୟରେ ଆଇ.କ୍ୟୁ.ଏ.ସି ସହଯୋଗରେ ରାଜନୀତି ବିଜ୍ଞାନ ବିଭାଗ "ଏକଦଳୀୟ ପ୍ରଭୁତ୍ୱରୁ ପ୍ରତିସ୍ୱର୍ଦ୍ଧାମୂଳକ ରାଜନୀତି: ଭାରତରେ ଦଳୀୟ ପ୍ରଣାଳୀର ପରିବର୍ତ୍ତନ' ବିଷୟରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ ଉପସ୍ଥିତ ରହି ରାଜନୈତିକ ଦଳର ଇତିହାସ ଏବଂ ବର୍ତ୍ତମାନର ଧାରା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦରସଥୀ ଭୂୟାଁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢ଼ୀଙ୍କ ନେତୃତ୍ୱରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ରବିନ୍ଦ୍ର କୁମାର ବେହେରା ଏବଂ ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଜାତୀୟ ଆଲୋଚନା ଚକ୍ରରେ ଶତାଧିକ ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ପ୍ରିୟଙ୍କା ଜେନା ମଞ୍ଚ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ସଞ୍ଜିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଛତ୍ରପୁର ବିଧାୟକ



ଛତ୍ରପୁର,୧୬ ।୧(ସମିସ): ଛତ୍ରପୁର ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଭେଟିଛନ୍ତି। ଛତ୍ରପୁରବାସୀଙ୍କ ବହୁଦିନର ଦାବି ଫାଲକନାମା ଏକ୍ସପ୍ରେସ ସହ ଅନ୍ୟ ଏକ ଏକ୍ସପ୍ରେସର ଛତ୍ରପୁର ରେଳଷ୍ଟେସନରେ ରହଣି ନଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହିତ ଗଞ୍ଜାମ ବ୍ଲକରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି ଉପସ୍ଥାପନ କରିଛନ୍ତି ବିଧାୟକ। ଦୁଇଟି ଦାବି ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ସାମଗ୍ରିକ ବିକାଶ, ଶିକ୍ଷା ଓ ଯାତାୟାତ ସୁବିଧାକୁ ନୂତନ ଦିଗ ଦେବ ଏବଂ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିକାଶ ହୋଇପାରିବ ବୋଲି ବିଧାୟକ ଶ୍ରୀ ନାୟକ ନିବେଦନ କରିଛନ୍ତି।

# ସନ୍ ସାଇନ୍ ସ୍କୁଲର ବାର୍ଷିକ ଉତ୍ସବ



ପୁରୁଷୋତ୍ତମପୁର,୧୬ ।୧(ସମିସ): ପୁରୁଷୋତ୍ତମପୁର ଏନ୍‌ଏଏସି ସ୍ଥିତ ସନ୍‌ସାଇନ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ସ୍କୁଲର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତହସିଲଦାର ବିନୋଦ କୁମାର ବେହେରା ଉପସ୍ଥିତ ରହି କିଛି ଅନୁଭୂତି ବଖାଣିବା ସହ ଛାତ୍ରଛାତ୍ରୀ ନିର୍ଭିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବଡ଼ମେଡିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ମାନସ ରଞ୍ଜନ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାରେ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ବହନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଏନ୍‌ଏଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଏସଡିପିଓ ସୁଜିତ କୁମାର ନାୟକ, ଡାକ୍ତର ଆଲୋକ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସ୍କୁଲର ଅଧ୍ୟକ୍ଷ ସୁନୀଲ କୁମାର ମହାନ୍ତି ସ୍କୁଲର ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅର୍ଚ୍ଚନା ନାୟକ, ଦୀପ୍ତିରାଣି ପଣ୍ଡା ସଂଯୋଜନା କରିଥିବା ବେଳେ ଶିକ୍ଷକ ସୁବ୍ରତ ନାୟକ, ଯୋଗେନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ସ୍ୱାଗତିକା ପଣ୍ଡା, ସୁନିତା ଗୌଡ଼, ସୁମିତ୍ରା ସାହୁ, ରୀନା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର,୧୬ ।୧(ସମିସ): କବିସୂର୍ଯ୍ୟନଗର ଉପକଣ୍ଠରେ ଅବସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ରର ପଞ୍ଚବିଂଶ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଛି। ଉଦଘାଟକ ସାଧକ ଅଭିନ୍ନ ଚନ୍ଦ୍ର ପାତ୍ର, ମୁଖ୍ୟ ଅତିଥି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଜନତା କୁମାରୀ ସାହୁ, ସମ୍ମାନିତ ଅତିଥି ବିଇଓ ଅଭିମନ୍ୟୁ ସାହୁ, ପ୍ରାକ୍ତନ ଅଧ୍ୟାପକ ପୀତବାସ ବିଶ୍ୱାଳ, ବରିଷ୍ଠ ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରା, ସମ୍ପାଦକ ନିଖିଳ କୁମାର ସାହୁ ଓ ଅଧ୍ୟକ୍ଷା ହେନାବଳିୟାର ସିଂ ମଞ୍ଚାସୀନ ଅତିଥି ଥିଲେ। ମାତୃପତାକା ଉତ୍ତୋଳନ, ମାର୍ଚ୍ଚପାଷ୍ଟ, ସାଂସ୍କୃତିକ ବିଚିତ୍ରା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# କାୟାକଳ୍ପ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଧରାକୋଟ,୧୬ ।୧(ସମିସ): ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ଟିମ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ଖୁସିବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତର ଶିବାଶିଷ ମହାନ୍ତି, ଡ ହୃଷୀକେଶ ସାହୁ, ଡ ବିଶ୍ୱ କଲ୍ୟାଣ ମହାପାତ୍ର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛତା, ନିୟମତା, ରୋଗୀ ସେବା ସହ ପ୍ରତ୍ୟେକ ବିଭାଗ ବୁଲି ଦେଖିଥିଲେ। ଏହି ଅବସରରେ ରୋଗୀ ସେବାର ସୁଚାରୁ ପରିଚାଳନା, ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛ ପରିବେଶ ଉପରେ ଆଲୋକପାତ କରିଥିଲେ। ସ୍ୱଚ୍ଛତା, ପରିଚ୍ଛନ୍ନତାରେ ସହଯୋଗ କରିଥିବା ସମସ୍ତ ନିର୍ମଳ କର୍ମଚାରୀ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ସାମିଲ ଥିବା କର୍ମଚାରୀମାନଙ୍କୁ କାୟାକଳ୍ପ ଟିମ୍ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକ, ଡାକ୍ତର ନିବେଦିତା ସାହୁଙ୍କ ସହ ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ମଳ କର୍ମଚାରୀ ନମିତା ନାୟକ, ମାମିନି ବିଷୋୟୀ, ରିତିକା ନାୟକ, ସମୀର ନାୟକ, ହିମାଂଶୁ ଶେଖର ଡାକୁଆ, ମନୋଜ ନାୟକ, ପ୍ରମୋଦ ଦାସଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସେମାନଙ୍କ ସହଯୋଗ ପାଇଁ ପ୍ରଶଂସା କରାଯାଇଥିଲା।

# ଅସହାୟ ଭାଇ ଭଉଣୀଙ୍କୁ ସହାୟତା

ଗଞ୍ଜାମ,୧୬ ।୧(ସମିସ): ଦୁଇ ଅସହାୟ ଭାଇଭଉଣୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଦୁଇ କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହି



ଓ ଭାଗିରଥି ବେହେରା। ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତର ଝରାପଦର ଗ୍ରାମରେ ପହଞ୍ଚି ଦୁଇ ଭାଇ ଭଉଣୀଙ୍କୁ ୧୦ ହଜାର ଅର୍ଥରାଶି, ଚାଉଳ ଓ ପନିପରିବା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଝରାପଦର ଗ୍ରାମର ସୁଇଟି ମହାଙ୍କୁଡ଼(୧୭) ଓ କାଳିଆ ମହାଙ୍କୁଡ଼(୧୪) ୯ ମାସ ମଧ୍ୟରେ ବାପା ଓ ମା'ଙ୍କୁ ହରାଇ ବେସାହାରା ହୋଇପଡିଛନ୍ତି। ବାପା ରବି ମହାଙ୍କୁଡ଼(୪୫) କାମ କରିବାକୁ ହାଇଦ୍ରାବାଦ ଯାଇ ସେଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହାର କିଛିଦିନ ପରେ କର୍କଟ ରୋଗରେ ପୀଡ଼ିତ ସ୍ତ୍ରୀ ଝୁନୁ ମହାଙ୍କୁଡ଼(୩୯) ଗତମାସ ୧୧ ତାରିଖରେ ଆଖି ବୁଜିଥିଲେ। ଫଳରେ ଦୁଇ ଭାଇ ଭଉଣୀ ଏବେ ବେସାହାରା ହୋଇପଡ଼ିଛନ୍ତି।

ଆଦାନୀ ଫାଉଣ୍ଡେସନର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ସଂସ୍କରଣରେ କାଳିପଲ୍ଲୀ ବିଜୟୀ

ଛତ୍ରପୁର,୧୬ ।୧(ସମିସ)




ଗୋପାଳପୁର ବନ୍ଦରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଆନ୍ତଃଗ୍ରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ କାଳୀପଲ୍ଲୀ ପଞ୍ଚାୟତ ବିଜୟ ଲାଭ କରିଛି। କାଳୀପଲ୍ଲୀ ପଞ୍ଚାୟତସ୍ଥିତ ବନ୍ଦରଗାଁ ଖେଳ ପଡିଆଠାରେ ଆୟୋଜିତ ଫାଇନାଲ ମ୍ୟାଚ୍ କାଳୀପଲ୍ଲୀ ଓ ଏସଏମସିସି ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଳୀପଲ୍ଲୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୪୪ ରନ କରିଥିଲା। ଜବାବରେ ଏସ୍‌ଏମ୍‌ସିସି ହରିପୁର ୧୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୪ ରନ କରିଥିଲା। ଫଳରେ କାଳୀପଲ୍ଲୀ ୩୦ ରନରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ପ୍ରଥମ ଟାଇଟଲ ହାସଲ କରିଥିଲା। ମ୍ୟାନ୍ ଅଫ୍ ଦି ସିରିଜ ଏସଏମସିସି ହରିପୁରର ଇ. ଶ୍ରୀନୁ ହୋଇଥିଲା ବେଳେ କାଳୀପଲ୍ଲୀ ଟିମର ମହେଶ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦଯାପନୀ ମ୍ୟାଚରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତବନ୍ଧୁ ଶତପଥୀ ଓ ସିଏସଆର୍ ମୁଖ୍ୟ ଦେବଦତ୍ତ ମିଶ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ଯୁବପିଢି, ଛାତ୍ରଛାତ୍ରୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ମୋଟ ଛଅଗୋଟି ପଞ୍ଚାୟତ ଯଥା ଆର୍ଯ୍ୟପଲ୍ଲୀ, କଣମଣା, ଶ୍ରୀରାମଚନ୍ଦ୍ରପୁର, କାଳିପଲ୍ଲି, ଚମାଖଣ୍ଡି ଓ ଅଗସ୍ତି ନୂଆଗାଁର ମୋଟ ୮ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ।

ମାରଦା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ପ୍ରତିଭା ଦେଖାଇଲେ ଆଞ୍ଚଳିକ କଳାକାର



ପୋଲସରା,୧୫ ।୧(ସମିସ): ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ମହୋତ୍ସବ କମିଟି ସଭାପତି ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗଦେଇ ବିଶ୍ୱନାଥ ଦାଶ ସ୍ମୃତି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ଇତିହାସ ପରମ୍ପରା ଓ ସଂସ୍କୃତିକୁ ନେଇ ନିଜର ଆଭିମୁଖ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବିଡ଼ିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ଦିପ୍ତିମୟୀ ପାତ୍ର, ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଏନଏସି ଅଧ୍ୟକ୍ଷା ସଂଗୀତା ବେହେରା, ମହୋତ୍ସବ କମିଟି ସମୀକ୍ଷକ ଦୀପକ ପ୍ରଧାନ, ଓଡ଼ିଆ ସିନେ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ, ଭାରତୀୟ ପ୍ରଶାସନିକ ଅଧିକାରୀ ସୁନ୍ଦର ମାଧବ ପାଢୀ ପ୍ରମୁଖ ଯୋଗଦେଇ ମାରଦାର ଐତିହ୍ୟ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ପୋଲସରା ଅଞ୍ଚଳର କଳାକାର ନିଜର ପ୍ରତିଭାରେ ଲୋକଙ୍କୁ ହୃଦୟ ଜିଣିଥିଲେ। ଏହି ଅବସରରେ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥି କଳାକାରଙ୍କ ଦମଦାର କାର୍ଯ୍ୟକ୍ରମରେ ଅଧରାତି ଯାଏଁ ନାଚିଥିଲେ ଦର୍ଶକ।

